ସଂକ୍ଷେପରେ




ସଂକ୍ଷେପରେ



## ମା'ଙ୍କ ଭସାଣି

**ପାପଡାହାଣ୍ଡି,୨୦।୧୦(ଡି.ଏନ.ଏ):** ନବରଙ୍ଗପୁର ଜିଲା ପାପଡାହାଣ୍ଡିର ଦଶହରା ଓ ରାବଣ ପୋଡି ଦେଖିବା ପାଇଁ ଶୁକ୍ରବାର ପ୍ରବଳ ଜନସମାଗମ ହୋଇଥିଲା। ବସଷ୍ଟାଣ୍ଡ ପୂଜା କମିଟିର ବେଲୁର ମଠ ତୋରଣ ଓ ଶ୍ରୀ ଶ୍ରୀ ଶ୍ରୀ ଦୁର୍ଗାପୂଜା କମିଟିର କେଦାରନାଥ ମଠ ଚଳିତ ବର୍ଷର ମୁଖ୍ୟ ଆକର୍ଷଣ ଥିଲା। ସହରର ୨୬ ନଂ ଜାତୀୟ ରାଜପଥରେ ଉଠା ଦୋକାନୀ ପସରା ସହ ଭିଡକୁ ଦେଖି ଯାନବାହନ ଚଳାଚଳ ବନ୍ଦ ରହିଥିଲା। ଶନିବାର ଉଭୟ ପୂଜା କମିଟି ପକ୍ଷରୁ ମା'ଙ୍କ ବିସର୍ଜନ କରାଯାଇଥିଲା।

## ଡାବୁଗାଁରେ ଦଶହରା ପାଳିତ

**ଡାବୁଗାଁ,୨୦।୧୦ (ଡି.ଏନ.ଏ.):** ଡାବୁଗାଁ ବ୍ଲକ ସଦରମହକୁମା ଠାରେ ଶୁକ୍ରବାର ମା' ଦୁର୍ଗାଙ୍କ ଦଶହରା ପୂଜା ଶେଷ ହୋଇଛି । ସନ୍ଧ୍ୟାରେ ଦଶମୀ ପୂଜା ଓ ପୁର୍ଣ୍ଣାହୁତି ଅନୁଷ୍ଠିତ ହୋଇଥିଲା । ମା'ଙ୍କ ପୂଜା ଦେଖିବାକୁ ବହୁ ଭକ୍ତଙ୍କ ସମାଗମ ଶୁକ୍ରବାର ଅପରାହ୍ନରୁ ହୋଇଥିଲା। ପ୍ରାୟ ରାତି ୧୧ଟା ପର୍ଯ୍ୟନ୍ତ ଭକ୍ତଙ୍କ ଗହଳି ଲାଗି ରହିଥିଲା । ଏହି ପୂଜା କାର୍ଯ୍ୟକ୍ରମକୁ ସୁରେନ୍ଦ୍ର କୁମାର ମିଶ୍ର, ଜି. ଗୋପାଳକ୍ରୀଷ୍ଣା ରାଓ, ଚମ୍ପାଲାଲ ଅଗ୍ରୱାଲ, ସତ୍ୟଜିତ ମାଦଲା, ଟୁକୁ ବିଶୋଇ, ରାଜେସ ଅଗ୍ରୱାଲ, ଜି. ସତ୍ୟା ରାଓ, ସୁରେଶ ଚନ୍ଦ୍ର ବେହେରା, ରାଜୁ ରେଲି, ପ୍ରସାଦ ସିଂ ଓ ବୁଟୁ ଜେନା ପ୍ରମୁଖ ପରିଚାଳନା କରିଥିଲେ। ରବିବାର ମା'ଙ୍କୁ ବିସର୍ଜନ କରାଯିବ।

■ ନିଆରା ପରମ୍ପରା

# ପାଳିତ ହୁଏ ବାସି ଦଶହରା



ଗ୍ରାମବାସୀ ଦେବଦେବୀଙ୍କ ଲାଠିକୁ ଶୋଭାଯାତ୍ରାରେ ନେଉଛନ୍ତି।



ଦେବଦେବୀଙ୍କ କୁର୍ସିକୁ ଶୋଭାଯାତ୍ରାରେ ଦଶହରା ପଡ଼ିଆକୁ ନିଆଯାଉଛି।

**କୋଷାଗୁମୁଡା,୨୦।୧୦(ଡି.ଏନ.ଏ)**

ନବରଙ୍ଗପୁର ଜିଲା କୋଷାଗୁମୁଡା ବ୍ଲକ ଅନ୍ତର୍ଗତ ରାଜୋଡା ପଞ୍ଚାୟତ ଚୁରୁଚୁଣ୍ଡା ଗ୍ରାମରେ ଦଶହରା ପର୍ବର ନିଆରା ପରମ୍ପରା ଦେଖିବାକୁ ମିଳିଥାଏ। ଏଠାରେ ବାସି ଦଶହରା ପାଳନ କରାଯାଏ। ରାଜ୍ୟର ସମସ୍ତ ସହରରେ ଶୁକ୍ରବାର ଦଶହରା ପର୍ବ ପାଳନ କରାଯାଇଥିବା ବେଳେ ଚୁରୁଚୁଣ୍ଡା ଗ୍ରାମରେ ଶନିବାର ଦଶହରା ପର୍ବ ପାଳନ କରାଯାଇଥିଲା। ଏହା ଖନ୍ଦାଖାଇ ଦଶହରା ଭାବେ ଏହି ଅଞ୍ଚଳରେ ପରିଚିତ।

> ■ ମା' ମାଉଁଲୀ, ଠାକୁରାଣୀ, ଚାଉଁରିଆ ଓ ଗର୍ଭରୀ ଦେବଦେବୀଙ୍କ ନାମରେ ସ୍ଥାପନ ହୁଏ ଲାଠି
>
> ■ ବିଭିନ୍ନ ଗ୍ରାମରୁ ଆସିଥିବା ଲାଠି, କୁର୍ସି ଗ୍ରାମ ପରିକ୍ରମା କରାଯାଇଥାଏ
>
> ■ ଲୋକଙ୍କ ମନୋରଞ୍ଜନ ପାଇଁ ପରିବେଷଣ ହୁଏ ଦେଶିଆ ନାଟ

ଏହି ଦଶହରା ପାଳନ ଅବସରରେ ଦ୍ୱିତୀୟା ଦିନରେ ଗାଁ ମଝିରେ ଥିବା ଗଙ୍ଗାଦେବୀ ମନ୍ଦିର ନିକଟରେ ୪ଟି ଲାଠି ସ୍ଥାପନ କରାଯାଇଥାଏ। ସେହି ଲାଠି ମା' ମାଉଁଲୀ, ଠାକୁରାଣୀ, ଚାଉଁରିଆ ଓ ଗର୍ଭରୀ ଦେବାଦେବୀଙ୍କ ନାମରେ ସ୍ଥାପିତ କରାଯାଇଥାଏ। ସେହି ଲାଠିକୁ ପ୍ରତ୍ୟେହ ରାତିରେ ପୂଜାର୍ଚ୍ଚନା କରାଯାଇଥାଏ। ଦଶହରା ଦିନ ଲାଠିକୁ ଦଶହରା ପଡିଆ ମଧ୍ୟକୁ ନିଆଯାଇଥାଏ। ଦଶହରା ଦିନ ଆଖାପାଖ ଅଞ୍ଚଳ ଯଥା ଗାଦବାଗୁଡା, ଆମ୍ବାଗୁଡା, ଖୁଟିଗୁଡା, ରାଜୋଡା, ପଣ୍ଡୁଗୁଡା ଗ୍ରାମର ଲାଠି, କୁର୍ସି ସବୁ ଆଣି ମନ୍ଦିର ପାଖରେ ଏକାଠି କରାଯାଇଥାଏ। ପରେ ବାଜା, ଶଙ୍ଖଧ୍ୱନିରେ ଗାଁ ପରିକ୍ରମା କରାଯାଇ ଦଶହରା ପଡିଆକୁ ନିଆଯାଇଥାଏ। ଦଶହରା ପଡିଆରେ ପୂଜାରୀମାନଙ୍କ ଦ୍ୱାରା ଏକ ପ୍ରତିଯୋଗିତା କରାଯାଇଥାଏ। ଲାଠିର ଅଗ୍ରଭାଗରେ ନୂଆ ଲୁଗାରେ ଫୁଲ ଏବଂ କିଛି ଟଙ୍କା ବାନ୍ଧି ରଖାଯାଇଥାଏ। ପଡିଆରେ ଥିବା ଛୋଟ ଛୋଟ ଟେକା ମାରି ସେହି ଟଙ୍କାକୁ ଯେଉଁ ବ୍ୟକ୍ତି ଫିଟାଇଥାନ୍ତି ସେ ବିଜୟୀ ହୋଇଥାଏ। ତାଙ୍କୁ ପୁଜାରୀମାନେ ପୁରସ୍କାର ସହ ସମ୍ମାନିତ କରିଥାନ୍ତି। ରାତିରେ ଲୋକମାନଙ୍କ ମନୋରଞ୍ଜନ ପାଇଁ ଦଶହରା ପଡିଆରେ ୨ଟି ଦେଶୀୟ ନାଟକ ପରିବେଷଣ କରାଯାଇଛି।

> **ବାସି ଦଶହରା ପଛରେ କିମ୍ବଦନ୍ତୀ**
>
> ରାଜରାଜୁଡା ଥିବା ସମୟରେ କୋରାପୁଟ ଜିଲା ଜୟପୁର ସହରର ରାଜା ବିକ୍ରମଦେବ ଏବଂ ଛତିଶଗଡ ରାଜ୍ୟର ଜଗଦଲପୁର ସହରର ରାଜା ପ୍ରବୀଣ ଚନ୍ଦ୍ର ଭଞ୍ଜଦେଓ ସେମାନଙ୍କ ସହରରେ ଦଶହରା ପର୍ବ ପାଳନ କଲା ପରେ ତା ପରଦିନ ସେହି ସହରରୁ ଲାଠି କୁର୍ସି ସବୁ ଆଣୁଥିଲେ। ଏଠାରେ ଦଶହରା ପର୍ବ ପାଳନ କରୁଥିଲେ।

କୋରାପୁଟ ଜିଲାର ମହନ୍ତିପୁଟ ଏବଂ ପଦରଗୁଡା ଗ୍ରାମର ୨ଟି ନାଟକ ପରିବେଷଣ କରାଯାଇଥିଲା। ରବିବାର ମୃର୍ଣ୍ମୟୀ ମା' ଦୁର୍ଗାଙ୍କ ଭଷାଣୀ କାର୍ଯ୍ୟକ୍ରମ କରାଯିବ ବୋଲି କମିଟି ସୂଚନା ଦେଇଛନ୍ତି।

## ଆଲମିରା ଭାଙ୍ଗି ୧୫ ତୋଳା ସୁନାଗହଣା ଚୋରି

**ଚନ୍ଦାହାଣ୍ଡି,୨୦।୧୦(ଡି.ଏନ.ଏ)**

ନବରଙ୍ଗପୁର ଜିଲା ଅନ୍ତର୍ଗତ ଚନ୍ଦାହାଣ୍ଡି ବ୍ଲକ ମହୋର ଗ୍ରାମର ମହମ୍ମଦ ଆଫରୋଜଙ୍କ ଘରୁ ୧୫ ତୋଳା ସୁନା ଅଳଙ୍କାର ଚୋରି ହୋଇଥିବା ଥାନାରେ ଶନିବାର ଅଭିଯୋଗ ହୋଇଛି। ମହମ୍ମଦ ଆଫରୋଜ ଗତ୧୪ ତାରିଖରେ ନିଜ ଘର ବନ୍ଦ କରି ଶ୍ୱଶୁର ଘର ବାଙ୍ଗାଲୋରକୁ ପରିବାର ସହ ଯାଇଥିଲେ। ଶନିବାର ଘରକୁ ଫେରିବା ପରେ ବେଡରୁମରେ ଥିବା ଆଲମିରା ଭଙ୍ଗା ହୋଇଥିବା ଦେଖିବାକୁ ପାଇଥିଲେ। ଏଥିରେ ଥିବା ୧୫ ତୋଳା ସୁନା ଅଳଙ୍କାର ଚୋରି ହୋଇଥିବା ଜାଣିବାକୁ ପାଇଥିଲେ। ମହମ୍ମଦ ଚନ୍ଦାହାଣ୍ଡି ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଥାନା ଅଧିକାରୀ ବିଲ୍ୱମଙ୍ଗଳ ସେଠୀ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିଥିଲେ। ରବିବାର ସନ୍ଧାନୀ କୁକୁର ସହ ଘଟଣାର ତଦନ୍ତ କରାଯିବ ବୋଲି ଥାନା ଅଧିକାରୀ କହିଛନ୍ତି।

## ରାଜ୍ୟସ୍ତରୀୟ ବଲ ବ୍ୟାଡମିଣ୍ଟନ ଟୁର୍ନାମେଣ୍ଟ ଉଦ୍‌ଘାଟିତ

**ଉମରକୋଟ,୨୦।୧୦(ଡି.ଏନ.ଏ)**

ଉମରକୋଟସ୍ଥିତ ମା' ପେଣ୍ଡ୍ରାଣି ମହାବିଦ୍ୟାଳୟ ପଡିଆରେ ରାଜ୍ୟସ୍ତରୀୟ ବଲ ବ୍ୟାଡମିଣ୍ଟନ ପ୍ରତିଯୋଗିତା ଆରମ୍ଭ ହୋଇଛି। ଏହି ଖେଳ ୨ ଦିନ ଧରି ଅନୁଷ୍ଠିତ ହେବ। ମୁଖ୍ୟଅତିଥି ଭାବେ ମନ୍ତ୍ରୀ ରମେଶ ଚନ୍ଦ୍ର ମାଝି ଯୋଗ ଦେଇ ପ୍ରଦୀପ ପ୍ରଜ୍ୱଳନ କରି ଉଦଘାଟନ କରିଥିଲେ। ଏହି ପ୍ରତିଯୋଗିତାରେ ରାଜ୍ୟର ସବଜୁନିୟର ଏବଂ ସିନିୟର ସ୍ତରର ୬୫୦ ଜଣ ପ୍ରତିଯୋଗୀ ଭାଗ ନେଇଛନ୍ତି। ଉଦଘାଟନୀ ଉତ୍ସବରେ ସମ୍ମାନିତ ଅତିଥି ଭାବେ ନବରଙ୍ଗପୁର ଏମପି ବଳଭଦ୍ର ମାଝି, ନାରାୟଣ ପାତ୍ର, ସୁକାନ୍ତ ଦାସ, କାଲୁ ପଣ୍ଡା, ତପନ ଦେବନାଥ, ଶ୍ରୀନିବାସ ପଟ୍ଟନାୟକ, ପପୁ ଜିଲାନି, ଦୁର୍ଗାପ୍ରସାଦ ମଲ୍ଲିକ, ମନୋହର ମହାନ୍ତି, ପ୍ରଶାନ୍ତ କୁମାର ସାହୁ ଯୋଗ ଦେଇଥିଲେ। କମିଟିର ସଭାପତି ଏମ. ବିଜୟ କୁମାର, ସମ୍ପାଦକ ସପନ ବୈରାଗି, ସହ ସମ୍ପାଦକ ବାବୁଲା ସାମନ୍ତରାୟ, ଉପସଭାପତି ମାନସ ବେହେରା, କୋଷାଧ୍ୟକ୍ଷ ଦିଲୀପ ବିଶ୍ୱାସ, ସନ୍ତୋଷ ଶର୍ମା, ପ୍ରଶାନ୍ତ ଶତପଥୀ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିବା ବେଳେ ଇଂ ଚନ୍ଦନା ମଲ୍ଲିକ ମଞ୍ଚ ପରିଚାଳନା କରିଥିଲେ।

## କୂଅରୁ ଭାଲୁ ଉଦ୍ଧାର



ଭାଲୁକୁ ଯନ୍ତାରେ ନିଆଯାଉଛି।

**ନବରଙ୍ଗପୁର/କୋଷାଗୁମୁଡା, ୨୦।୧୦(ବି.ପ୍ର)**

ନବରଙ୍ଗପୁର ଜିଲା କୋଷାଗୁମୁଡା ବ୍ଲକ ମୋତିଗାଁ ପଞ୍ଚାୟତ ପାମ୍ପୁଣି ଗାଁ ଜଙ୍ଗଲରେ ଥିବା ଏକ ପରିତ୍ୟକ୍ତ କୂଅ ଭିତରୁ ଶୁକ୍ରବାର ରାତିରେ ବନବିଭାଗ ପକ୍ଷରୁ ଏକ ଭାଲୁ ଉଦ୍ଧାର କରାଯାଇଛି। ପାମ୍ପୁଣି ଗ୍ରାମ ନିକଟରେ ଥିବା ରିଜର୍ଭ ଫରେଷ୍ଟ ଜଙ୍ଗଲ ମଧ୍ୟରେ ଥିବା ମନ୍ଦିର ପାଖ କୂଅ ନିକଟକୁ ଶୁକ୍ରବାର ସକାଳେ ୩ଟି ଭାଲୁ ଆସିଥିବା ବେଳେ ହଠାତ ଗୋଟିଏ ଭାଲୁ କୂଅ ଭିତରକୁ ଖସି ପଡିଥିଲା। ସେହି ସମୟରେ ଅନ୍ୟ ଭାଲୁମାନେ ଚିତ୍କାର କରିବାରୁ କୂଅ ଭିତରେ ଭାଲୁ ପଡିଥିବା ଲୋକମାନେ ଜାଣିବାକୁ ପାଇଥିଲେ। ଗ୍ରାମବାସୀ ସଙ୍ଗେ ସଙ୍ଗେ କୁସୁମି ଫରେଷ୍ଟ ଗାର୍ଡ ଟଗରମଣି ସମରଥଙ୍କୁ ଖବର ଦେଇଥିଲେ। ପାପଡାହାଣ୍ଡି ୱାଇଲ୍ଡଲାଇଫ ଟିମ ଆସି ଦୀର୍ଘ ୬ ଘଣ୍ଟା ଧରି ଉଦ୍ୟମ କରିବା ପରେ ଭାଲୁକୁ କୂଅ ଭିତରୁ ଉଦ୍ଧାର କରିଥିଲେ। ଭାଲୁକୁ ପାପଡାହାଣ୍ଡି ହରିଣ ପାର୍କରେ ରଖାଯାଇଛି।





